# ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହେବ ସେନାବାହିନୀର ନିଯୁକ୍ତି ରାଲି

ଅନୁଗୋଳ ତା ୮.୧.୨୧ ରିଖ : ସେନାବାହିନୀରେ ନିଯୁକ୍ତି ନିମନ୍ତେ ଆସନ୍ତା ମାର୍ଚ୍ଚ ୨ ତାରିଖ ଠାରୁ ୧୧ ତାରିଖ ଦଶ ଦିନଧରି ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଯଦିଓ ନିଯୁକ୍ତି ରାଲି ନିମନ୍ତେ କୌଣସି ସ୍ଥାନ ସୂଚିତ ହୋଇନାହି ଏହା ଆଡମିଟ କାର୍ଡ ମାଧମରେ ୧୫ ଦିନ ପୂର୍ବରୁ ଜଣାଇ ଦିଆଯିବ । ରାଲିରେ ଅଂଶଗ୍ରହଣ ନିମନ୍ତେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ସହ କୋଭିଡ ନିୟାମାବଳୀର ଅନୁପାଳନ ବାଧତାମୂଳକ ଅଟେ । ଅନୁଗୋଳ ଜିଲ୍ଲାର ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନେ ଅନଲାଇନରେ ନାମ ପଞ୍ଜୀକରଣ ଚଳିତ ମାସ ୫ ତାରିଖରୁ ଫେବୃୟାରୀ ମାସ ୧୫ ତାରିଖ ମଧରେ କରିବାକୁ ପଡିବ । ନାମ ପଞ୍ଜୀକରଣ କରିଥିବା ପାର୍ଥୀ ମାନଙ୍କର ଆଡମିଟ କାର୍ଡ ରେଜିଷ୍ଟର୍ଡ ଇ-ମେଲ ମାଧମରେ ରାଲିର ୧୫ ଦିନ ଆଗରୁ ସ୍ଥିରୀକୃତ ସ୍ଥାନ ବିଷୟରେ ଅବଗତ କରାଯିବ । ସବିଶେଷ ବିବରଣୀ www.joinindianarmy.nic.in ୱେବସାଇଟରେ ଦେଖିପାରିବେ ବୋଲି ସମ୍ବଲପୁର ସ୍ଥିତ ସେନାବାହିନୀ ନିଯୁକ୍ତି ଅଧିକାରୀ ଜଣାଇଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୨୧ ତା.୦୮.୦୧.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ